**208**

**III**

Total No. of Questions – 16

Total No. of Printed Pages – 4

Regd. No. | | | | | | | | | | |

## Part – II

## ODIA, Paper-II

(Second Language)

*Time : 3 Hours ]* *[ Max. Marks : 100*

**ନିର୍ଦ୍ଦେଶ :** ପ୍ରତ୍ୟେକ ପ୍ରଶ୍ନର ଉତ୍ତର କ୍ରମାନ୍ୱୟ ଭାବରେ ଲେଖିବା ଉଚିତ । ଅନ୍ୟଥା ଉପଯୁକ୍ତ ନମ୍ବର ପାଇବାରୁ ବଞ୍ଚିତ ହେବେ ।

1. ଯେ କୌଣସି **ଗୋଟିଏ** ପ୍ରଶ୍ନର ଦୀର୍ଘ ଉତ୍ତର **ଶହେ ପଚାଶ** (150)ଟି ଶବ୍ଦ ମଧ୍ୟରେ ପ୍ରଦାନ କର । 1 × 8 = 8

   (କ) "ଚନ୍ଦ୍ରଭାଗା" କବିତା ଅବଲମ୍ବନରେ କବିଙ୍କ ସୃଜନ ପ୍ରତିଭା ସମ୍ପର୍କରେ ଆଲୋଚନା କର ।

   (ଖ) "ଶ୍ମଶାନ ଏକ ତୀର୍ଥ ଭୂମି" ବୋଲି କାହିଁକି କୁହାଯାଇଛି, ଆଲୋଚନା କର ।

2. ଯେ କୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର **ଶହେ ପଚାଶ** (150)ଟି ଶବ୍ଦ ମଧ୍ୟରେ ପ୍ରଦାନ କର । 1 × 8 = 8

   (କ) ଭ୍ରମ ପ୍ରମାଦ ଯୁକ୍ତ ମନୁଷ୍ୟ ପକ୍ଷରେ କ୍ଷମା ଓ ଅନୁକମ୍ପାର ମୂଲ୍ୟ କିଭଳି ଅତୁଳନୀୟ ଆଲୋଚନା କର ।

   (ଖ) କେଉଁ କେଉଁ ଉପାୟରେ ଜାତୀୟ ସାହିତ୍ୟର ଗଠନ ହୋଇଥାଏ, ଦର୍ଶାଅ ।

3. ପୂର୍ବାପର ସଂପର୍କ ସୂଚାଇ କୋଣସି **ଗୋଟିଏ**ର ସରଳାର୍ଥ ଲେଖ । 1 × 4 = 4

   (କ) ବାନ ପ୍ରସ୍ଥାଶ୍ରମ ହେଲେ ହେଁ ଉତ୍ତମ
   ସମୟ ମୋ ହୋଇ ନାହିଁ,
   ମୋ କାର୍ଯ୍ୟ ଭରତ ହେବାକୁ ନିରତ
   ସମ୍ମତ ବା ହେବ କାହିଁ ।

   (ଖ) ଛନ୍ଦନା ଏବେ ଚରଣେ ମୋହର ଅନ୍ଧ ମମତା–ବେଡ଼ି,
   ଦିଅ ଛାଡ଼ି ଦିଅ ମତେ,
   ଚାଲି ଯାଏ ମୁହିଁ, ଚାଲି ଯାଏ ଆଜି ବିଶ୍ୱ–ଜୀବନ–ପଥେ ।

4. ପୂର୍ବାପର ସଂପର୍କ ସୂଚାଇ କୌଣସି **ଗୋଟିଏର** ସରଳାର୍ଥ ଲେଖ । 1 × 4 = 4

(କ) ଫଳରେ ଭୁଲ ଓ ଭଲର ମାପ କାଠି ଆଜି ହଜି ଯାଇଛି ଓ ଯିଏ ଯାହା କରି ପାରିଲା, ତାହା କରି ଯାଉଛନ୍ତି ।

(ଖ) ଆମର ସମସ୍ତ ଚେଷ୍ଟାର ଗତି ପଶ୍ଚିମ ଆଡ଼କୁ ।

5. ଯେ କୌଣସି **ତିନୋଟି** ପ୍ରଶ୍ନର ଉତ୍ତର **ଦୁଇଟି** ବାକ୍ୟରେ ପ୍ରଦାନ କର । 3 × 2 = 6

(କ) ରୂପାସ୍ତ୍ରର ପାଞ୍ଚଶର କ'ଣ ଥିଲା ?

(ଖ) ସୀତାଙ୍କୁ କିଏ କେଉଁଠାରେ କେତେବେଳେ ଛାଡ଼ିଗଲେ ?

(ଗ) "ବିଶ୍ୱଜୀବନ ପଥେ" ର ଅର୍ଥ କ'ଣ ଓ ସେ ପଥର ଯାତ୍ରୀ କିଏ ?

(ଘ) ବାରଣ ବଢ଼େଇ କାହାଠାରୁ କ'ଣ ଆଶା କରୁଥିଲେ ?

6. ଯେ କୌଣସି **ତିନୋଟି** ପ୍ରଶ୍ନର ଉତ୍ତର **ଦୁଇଟି** ବାକ୍ୟରେ ପ୍ରଦାନ କର । 3 × 2 = 6

(କ) ମହାଭାରତ ଯୁଗରେ କିଏ କାହା ସଙ୍ଗରେ ପଶାଖେଳି କ'ଣ କ'ଣ ହରାଇ ଥିଲେ ?

(ଖ) "ଗୁଡ୍ ମର୍ଣ୍ଣିଂଗ ମାଡ଼ାମ୍" — ଏ କଥା କିଏ କାହା ଉଦ୍ଦେଶ୍ୟରେ କହିଥିଲେ ?

(ଗ) ମାନସିଂହଙ୍କର ଦୁଇ ଖଣ୍ଡ କବିତାର ନାମ ଲେଖ ?

(ଘ) ପ୍ରାଚୀନ ଉତ୍କଳର କେଉଁ କେଉଁ ବ୍ୟକ୍ତିମାନେ ସାହିତ୍ୟ ବନ୍ଧନରେ ଆମ ସହ ବାନ୍ଧି ହୋଇ ରହିଛନ୍ତି ?

7. ଯେ କୌଣସି **ଦୁଇଟି** ପ୍ରଶ୍ନର ଉତ୍ତର **ଦୁଇଟି** ବାକ୍ୟରେ ପ୍ରଦାନ କର । 2 × 2 = 4

(କ) ଜହ୍ନ ବାପ ଆଗରେ କ'ଣ ଖୋଜିଲା ଓ କ'ଣ ଦେଖିଲା ?

(ଖ) ବେଣୁଧର ତାର ପୁରୁଣା ସଂସାରକୁ କିପରି ଦେଖିଥିଲା ?

(ଗ) ରିକ୍ସାରେ ବସି ଯାଉଥିବା ଲୋକଟି ପ୍ରତି ରାଓଙ୍କର କି ମନ୍ତବ୍ୟ ଥିଲା ?

8. ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର **ଗୋଟିଏ** ବାକ୍ୟରେ ପ୍ରଦାନ କର । 5 × 1 = 5

(କ) "ଚନ୍ଦ୍ରଭାଗା" କାହାର ଦୁହିତା ?

(ଖ) ଗଙ୍ଗାଧର ମେହେରଙ୍କ ତୁମ ପଠିତ କବିତା ?

(ଗ) କୋଣାର୍କ ମନ୍ଦିରର ନିର୍ମାତା କିଏ ?

(ଘ) "ଗ୍ରାମ୍ୟ ଶ୍ମଶାନ" କବିତାଟି କେଉଁ କାବ୍ୟ ଗ୍ରନ୍ଥରୁ ଗୃହୀତ ?

(ଙ) ବିଶ୍ୱବାଦୀ କିଏ ?

9. ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର **ଗୋଟିଏ** ବାକ୍ୟରେ ପ୍ରଦାନ କର । $5 \times 1 = 5$

(କ) କାଳିଦାସଙ୍କ ଠାରୁ ବଡ଼ କବି ନାହାନ୍ତି ବୋଲି କିଏ କହିଥିଲେ ?

(ଖ) "କ୍ଷମା" ପ୍ରବନ୍ଧର ପ୍ରାବନ୍ଧିକ ?

(ଗ) ଯୁଧିଷ୍ଠିର କାହାର ପ୍ରତୀକ ଥିଲେ ?

(ଘ) ବିଶ୍ୱନାଥ କର କେଉଁ ପତ୍ରିକାର ସଂପାଦକ ଥିଲେ ?

(ଙ) ଋଣ ନେଇ ଶୁଝି ନପାରିଲେ ଆର ଜନ୍ମରେ କ'ଣ ହେବାକୁ ପଡ଼ିବ ବୋଲି ଲୋକ ବିଶ୍ୱାସ ?

10. ଯେ କୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର **ଶହେ ପଚାଶ (150)**ଟି ଶବ୍ଦ ମଧ୍ୟରେ ପ୍ରଦାନ କର । $1 \times 10 = 10$

(କ) ସାହାଯ୍ୟ କେନ୍ଦ୍ରରୁ ଫେରି ବେଣୁଧର ଗଛମୂଳେ ବସିବାର ପ୍ରତିକ୍ରିୟା ନିଜ ଭାଷାରେ ଲେଖ ।

(ଖ) ଗଳ୍ପ ଦୃଷ୍ଟିରୁ ବିଟ୍‌ଘର ଓ ରେଲଗାଡ଼ିର ସଫଳତା ମୂଲ୍ୟାଙ୍କନ କର ।

11. ଯେ କୌଣସି **ଗୋଟିଏ** ବିଷୟରେ ପ୍ରବନ୍ଧ ଲେଖ । $1 \times 12 = 12$

(କ) ପରିବେଶ ପ୍ରଦୂଷଣ

(ଖ) କ୍ରିକେଟ୍

(ଗ) ଏଡ଼୍‌ସ (AIDS)

12. କୌଣସି **ପାଞ୍ଚଟିର** ସଂକ୍ଷେପଣ କର । $5 \times 1 = 5$

ଯାହା ଦେଖା ଯାଇପାରେ ନାହିଁ, ଅର୍ଥ ଅଛି ଯହିଁରେ, ଅନ୍ୟ ରୂପ, ପଶ୍ଚିମ ଦିଗରୁ ଆସୁଥିବା, ଚୋରର କାର୍ଯ୍ୟ, ଦିତିଙ୍କର ପୁତ୍ର

13. କୌଣସି **ପାଞ୍ଚଟିର** ଦୁଇଟି ଲେଖାଏଁ ସମାନାର୍ଥକ ଶବ୍ଦ (ପ୍ରତିଶବ୍ଦ) ଲେଖ । $5 \times 1 = 5$

ସଂଗ୍ରାମ, ଖଣ୍ଡା, ତରୀ, ଛାଗ, ଗଜ, ଅଚଳ, ଦାନବ, ମହୀ

14. କୌଣସି **ପାଞ୍ଚଟିର** ଭ୍ରମ ସଂଶୋଧନ କର । $5 \times 1 = 5$

ଅଞ୍ଜଳୀ, ଶତ୍ରୁ, ପାଷାଣ୍ଡ, ଆଶୀଷ, ସିନ୍ଧୁର, ଦୂର୍ଗା, ପୁର୍ଣ୍ଣ, ରଙ୍ଗୀନ

15. କୌଣସି ପାଞ୍ଚଟିର ଅର୍ଥଗତ ପାର୍ଥକ୍ୟ ଲେଖ । **5 × 1 = 5**

ଛଡି – ଛଡ଼ି, କଢ଼ା – କଣ୍ଢା,

ଗାଢ – ଗାଢ଼, ଜବ – ଯବ,

ଠେକ – ଠେକା, ତରଣି – ତରଣୀ,

ନାଳ – ନାଲ, ନବ – ନଭ,

16. ଓଡ଼ିଆରେ ଅନୁବାଦ କର । **1 × 8 = 8**

A lion lived in a thick forest. Once he was caught in a trap. He did his best to free himself but all in vain. A kind rabbit passed that way. He saw the lion in a cage. The lion requested him to set him free. Then the rabbit opened the door of the cage and set the lion free. As soon as the lion was out of the cage and free, he wanted to eat up his benefactor. The rabbit begged for mercy. He told the lion that he had done him a good act. He should return good for good and not evil for good.